## ହାଇଦ୍ରାବାଦରେ ଛାତରୁ ଖସି ଦାଦନ ଶ୍ରମିକ ମୃତ

ରାଜନଗର, (ଭାସ୍କର ରାଉତରାୟ):ହାଇଦ୍ରାବାଦରେ ଦାଦନ ଭାବେ କାମ କରୁଥିବାବେଳେ ଛାତରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ରାଜନଗର ଥାନା କୁରୁଣ୍ଡି ପଞ୍ଚାୟତ ବଳରାମପୁର ଗାଁର ଅଲେଖ ଚନ୍ଦ୍ର ବେହେରାଙ୍କ ବଡ଼ପୁଅ ସୋମନାଥ (୩୫) ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ରବିବାର ୧୨ ମହଲା କୋଠା ଉପରେ ରଡ ବାଇଡିଂ କାମ କରୁଥିବାବେଳେ ତଳକୁ ଖସି ପଡ଼ିଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକ ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୭ ମାସ ପୂର୍ବେ ସୋମନାଥ ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଆଳି, ୩।୧୨(ବନମାଳୀ ସେନାପତି): ଆଳି ଥାନା କୋଚିଲା ଛକ ନିକଟରେ ଏକ ଗଛରେ ବାଇକ୍ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ରାଜକନିକା ଥାନା ଦେଓଗାଁର ଶରତ ଚନ୍ଦ୍ର ବାରିକ ଆଳି ଥାନାରେ କରିଥିବା ଅଭିଯୋଗ ମୁତାବକ, ପୁଅ ସମରେଶ ଓ ସାଙ୍ଗ ବିକାଶ ସାମଲ ଦୁହେଁ ଏକ ବାହାଘର ବରଯାତ୍ରୀରେ ଆଳି ଥାନା ଅନ୍ତର୍ଗତ ମହୁ ଗାଁକୁ ଆସିଥିଲେ। ରାତିରେ ୨ ସାଙ୍ଗ ବାଇକ୍‌ରେ ଘରକୁ ଫେରିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସମରେଶଙ୍କୁ ମୃତ ଘୋଷଣା କରିଥିଲେ। ବିକାଶ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଶରତଙ୍କର ଏକମାତ୍ର ପୁଅ ସମରେଶଙ୍କ ମୃତ୍ୟୁରେ ପରିବାର ସମେତ ଗାଁରେ ଶୋକର ବାତାବରଣ ଖେଳିଯାଇଛି।

# ତଦନ୍ତରୁ ଧରାପଡ଼ିଲେଣି ୬୬ ଭେଣ୍ଡିଆ

### ଆଳିରେ ଭତ୍ତା କେଲେଙ୍କାରୀ

ଆଳି, ୩।୧୨(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଅରଗଳ ପଞ୍ଚାୟତରେ ଘଟିଥିବା ଭତ୍ତା କେଲେଙ୍କାରୀ ଘଟଣାର ଏବେ ତଦନ୍ତ ଆରମ୍ଭ ହୋଇଛି। ପ୍ରଥମ ତଦନ୍ତରୁ ୬୬ ଭେଣ୍ଡିଆ ହିତାଧିକାରୀ ଧରାପଡ଼ିଥିବା ନେଇ ବିଡିଓ ମିନତି ଜଗଦ୍ଦେବ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତ ନିର୍ବାଚନ ପୂର୍ବରୁ ସରକାରୀ ଚିଠି ନଂ. ୩୨୯/୫୫ରେ ୩୦୩ ଜଣ ହିତାଧିକାରୀଙ୍କ ଭତ୍ତା ଆବେଦନକୁ ମଞ୍ଜୁର କରାଯାଇଥିଲା। ଏହି ୩୦୩ ହିତାଧିକାରୀଙ୍କ ମଧ୍ୟରେ ୨୪୩ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅଯୋଗ୍ୟ ଥିବା ଜଣାପଡିଛି। ହିତାଧିକାରୀଙ୍କ ବୟସ ୩୦ରୁ ୫୦ବର୍ଷ ହୋଇଥିବାବେଳେ ସେମାନେ ଭୋଟର ତାଲିକାରେ ନିଜର ବୟସ ବଢ଼ାଇ ଏହି ଭତ୍ତା ହାତେଇଥିବା ଜଣାପଡିଛି। ଏପରିକି ଅରଗଳ ପଞ୍ଚାୟତରେ ଥିବା ନଦୀକୂଳ ସ୍କୁଲ ଓ ଯାଜପୁରର ବିରିପଟା ହାଇସ୍କୁଲରୁ ଜାଲ୍ ସାର୍ଟିଫିକେଟ ମଧ୍ୟ ବ୍ୟବହାର କରି ଏହି ହିତାଧିକାରୀମାନେ ଭତ୍ତା ହାତେଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଅଗଷ୍ଟ ୨୦ରେ ଆଳି ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ପଞ୍ଚାୟତର କେତେଜଣ ବ୍ୟକ୍ତି ଏହି ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ସେମାନଙ୍କ ନିକଟରୁ ଅଭିଯୋଗପତ୍ର ରଖା ଯାଇ ନ ଥିଲା। ସେମାନଙ୍କୁ ଯେଉଁମାନଙ୍କ ବୟସ ବୃଦ୍ଧି କରାଯାଇ ଭତ୍ତା ହୋଇଛି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରିଦେବାକୁ କୁହାଯାଇଥିଲା। ଏବେ ଏହି ତାଲିକା ପାଇବା ପରେ ଯଦି ଏହା ହୋଇଥାଏ ତେବେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏହି ଘଟଣା ପରେ ସେପ୍ଟେମ୍ବର ୮ରେ ଆଳି ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଏହି ଭତ୍ତା ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିବା ସହ ଯୋଗ୍ୟ ବ୍ୟକ୍ତିଙ୍କୁ ତୁରନ୍ତ ଭତ୍ତା ଦେବାକୁ ଦାବି କରାଯାଇଥିଲା। ଏହା ପରେ ଅରଗଳ ପଞ୍ଚାୟତରେ ପହଞ୍ଚି କେତେଜଣ ବୟସ୍କ ବ୍ୟକ୍ତିଙ୍କ ପ୍ରତିକ୍ରିୟା ନେବାରେ ସେମାନେ ଦୀର୍ଘଦିନ ହେବ ଭତ୍ତା ପାଇଁ ଅପେକ୍ଷା କରିଥିବା ବେଳେ ସେମାନଙ୍କୁ ବାଦ ଦିଆଯାଇ ଭେଣ୍ଡିଆଙ୍କୁ ଭତ୍ତା ଦିଆଯାଇଛି। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଭତ୍ତା ହିତାଧିକାରୀଙ୍କ ଭତ୍ତା ବନ୍ଦ କରି ଦେଇ ଚୁପ ବସିଥିଲେ। ଏବେ ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୪୩ ହିତାଧିକାରୀଙ୍କ ମଧ୍ୟରୁ ୬୬ ଜଣ ଭେଣ୍ଡିଆ ଯାଞ୍ଚ ପ୍ରକ୍ରିୟାରେ ଧରା ପଡିଛନ୍ତି। ତେବେ ଏହି ଘଟଣାର ସମ୍ପୂର୍ଣ୍ଣ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଭେଣ୍ଡିଆ ଭତ୍ତା ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀ ଓ ଜାଲ ସାର୍ଟିଫିକେଟ ଯୋଗାଇ ଥିବା ସ୍କୁଲ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଦେଖିବାକୁ ବାକି ରହିଲା।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୁଷ୍ମନ୍ତ



@ ରଞ୍ଜନ



@ ରମେଶ



@ ବିଜ୍ଞାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ

### ଦୋସଉତୁଣୀ ଗାଁରେ କଙ୍ଗାରୁ କୋର୍ଟ ଘଟଣା

ରାଜକନିକା,୩।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅନ୍ତର୍ଗତ ଦୋସଉତୁଣୀ ଗାଁର ଘଟିଥିବା କଙ୍ଗାରୁ କୋର୍ଟରେ ମଙ୍ଗଳବାର ଆପୋସ ସମାଧାନ ହୋଇଛି। ରାଜକନିକା ଥାନାରେ ଉଭୟପକ୍ଷଙ୍କ ମଧ୍ୟରେ ଦାଏର ହୋଇଥିବା ସମାଧାନପତ୍ରରେ ଉଭୟଗୋଷ୍ଠୀ କଳି ଝଗଡ଼ା ନ କରି ପୂର୍ବପରି ମିଳିମିଶି ଚଳିବାକୁ ସମ୍ମତି ପ୍ରଦାନ କରିଛନ୍ତି। ତେବେ ଗାଁ ମୁଖିଆଙ୍କୁ ନ ଜଣାଇ ଏକ ମାମଲାରେ ଥାନାକୁ ସାକ୍ଷୀ ଦେବାକୁ ଯିବାରୁ, ଗାଁ ସଭାପତିଙ୍କ ୫ହଜାର ଟଙ୍କା ଜରିମାନାକୁ ନ ମାନିବାରୁ ହୃଦାନନ୍ଦ ନାୟକଙ୍କ ପରିବାରକୁ ଗାଁର କଙ୍ଗାରୁ କୋର୍ଟରେ ନିଷ୍ପତ୍ତିକ୍ରମେ ନିଆଁ ପାଣି ବନ୍ଦ ରଖାଯାଇଥିବା ଥାନାରେ ସୋମବାର ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ଦୋସଉତୁଣୀ ଗାଁର ଲକ୍ଷ୍ମୀପ୍ରିୟା ପତି, ସ୍ୱାମୀ ହୃଦାନନ୍ଦ ନାୟକଙ୍କ ପକ୍ଷରୁ ଦାଏର ଏତଲାକ୍ରମେ ଗତ ୨୭।୧୧।୨୪ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଟଙ୍କା ଆଦାୟ ପାଇଁ ଗାଁକୁ ଆସିଥିବା ବେଳେ କେତେଜଣ ଲୋକ ତାଙ୍କୁ ମାଡ଼ ମାରିଥିଲେ। ସଂସ୍ଥା କର୍ମଚାରୀଙ୍କ ଏତଲା ଅନୁଯାୟୀ, ସାକ୍ଷୀ ଭାବେ ଥାନାରେ କହିବାରୁ ଏହି ପରିବାରକୁ ଗାଁ ମୁଖିଆ ଅର୍ଥ ଦଣ୍ଡ ଦେଇ ବାସନ୍ଦ ହେବାକୁ ଫତୁଆ ଜାରି କରିଥିଲେ। ଏ ସମ୍ପର୍କରେ ପୀଡିତ ପରିବାର ଥାନାରେ ଜଣାଇ ମଧ୍ୟ କୌଣସି ନ୍ୟାୟ ପାଇ ନ ଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପୋଲିସ ତତ୍ପର ହୋଇ ଉଭୟପକ୍ଷଙ୍କୁ ଡକାଇ ଅପୋଷ ସମାଧନ କରାଇଥିବା ଜଣାପଡ଼ିଛି।

## ଗ୍ରାହକ ବେଶରେ କାର୍ ଲୁଟ୍ ଘଟଣାରେ ୨ ଗିରଫ

### ପୋଲିସର ଖବରଦାତା ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୩।୧୨(କଳ୍ପତରୁ ନାୟକ)



ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ନଭେମ୍ବର ୨୯ରେ ସ୍ୱଷ୍ଟ ଦିବାଲୋକରେ ଚୋରି ହୋଇଥିବା କାରକୁ ଭୁବନେଶ୍ୱର କଟକ ରାସ୍ତାର ଏକ ଗ୍ୟାରେଜରୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଦର୍ଶ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ ଆଡିଶନାଲ ଏସ୍‌ପି ଦେବାଶିଷ ଧଳ ଯୋଗଦେଇ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଣ୍ଡା ଛକରେ ଥିବା ଜଞ୍ଜାଳି ଟ୍ରେଡର୍ସକୁ ରଡ, ସିମେଣ୍ଟ କିଣିବା ବାହାନାରେ ନଭେମ୍ବର ୨୯ରେ ପଟ୍ଟାମୁଣ୍ଡାଇ ବସ୍ତିର ସିରାଜୁଲ ଖାନ ଏକ ସ୍କୁଟି ନେଇ ମୁହଁରେ ମାସ୍କ ବାନ୍ଧି ଦୋକାନରେ ପହଞ୍ଚି ଥିଲେ। ରଡ୍‌ର ମୂଲ୍ୟ ପଚାରିବା ସହିତ ମାଲିକଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ତାଙ୍କ ଟେବୁଲ ଉପରୁ କାର ଚାବିକୁ ଉଠାଇ ନେଇଥିଲେ। ପରେ ରଡ୍ କିଣିବେ ବୋଲି କହି ଫୋନରେ କଥା ହେବା ଆଳରେ ଦୋକାନରୁ ବାହାରକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ଦୋକାନୀ ଖାଇବାକୁ ଘରକୁ ଚାଲିଯିବା ପରେ ସିରାଜୁଲ କାରକୁ ଷ୍ଟାର୍ଟ କରି ତତ୍‌କ୍ଷଣାତ୍ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମାତ୍ର ମାଲିକ ଘରୁ ଫେରିଲା ବେଳକୁ ତାଙ୍କ କାର ନଂ. ଓଡି ୦୫ଏଡବ୍ଲ୍ୟୁ ୦୮୮୮କୁ କେହି ଚୋରି କରି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ସିସିଟିଭି ଯାଞ୍ଚ ପରେ ସନ୍ଦିଗ୍ଧ ବ୍ୟକ୍ତି ଜଣକ ତାଙ୍କ କାର ଚୋରାଇ ନେଇଥିବା ଜାଣିବାକୁ ପାଇଥିଲେ। ଶେଷରେ ଅନ୍ୟ ଉପାୟ ନ ପାଇ କାର ଚୋରି ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଆଇଆଇସି ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ନଂ. ୩୫୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସମସ୍ତ କୌଶଳ ପ୍ରୟୋଗ କରି ଉକ୍ତ ଚୋରି କାରକୁ ଭୁବନେଶ୍ୱର ବଡଗଡ ଥାନା ଚିନ୍ତାମଣିଶ୍ୱରଠାରେ ସିରାଜୁଲଙ୍କ ସାନଭାଇ ଅବଦୁଲ ଖାନ କରିଥିବା ରାୟାଲ ମୋଟର ନାମକ ଗ୍ୟାରେଜରୁ ଜବତ କରିଥିଲା। ଏଥିସହ ସିରଜୁଲ ଓ ଅବଦୁଲକୁ ଗିରଫ କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଆଣିଥିଲା। ଭାରତୀୟ ନ୍ୟାୟ ସଂହିତା ଆଧାରରେ କୋର୍ଟ ଚାଲାଣ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଆଡିଶନାଲ ଏସ୍‌ପି ଧଳ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଏସ୍‌ଡିପିଓ ପଣ୍ଡା ଓ ଏସ୍‌ଆଇ କୈଶୋରିକା ରାଉତରାୟ, ଏଏସ୍‌ଆଇ ନନ୍ଦକିଶୋର ସ୍ୱାଇଁ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ



ଭିନ୍ନକ୍ଷମ Rଦିବସ ପାଳନରେ ଉପସ୍ଥିତ ଅତିଥିମାନେ।

ପାରାଦୀପ,୩।୧୨(ଶରତ ରାଉତ)

ପାରାଦୀପ ବନ୍ଦର ଓ ପାରାଦୀପ ଲେଡିଜ କ୍ଲବ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ସ୍ଥାନୀୟ ନୂଆବଜାର ଠାରେ ଥିବା ଭିନ୍ନକ୍ଷମ ସ୍କୁଲ ଜାଗୃତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ଯୋଗ ଦେଇଥିଲେ। ବନ୍ଦରାଞ୍ଚଳରେ ଥିବା ଯେତେ କାର୍ଯ୍ୟକ୍ରମ ହେଉଛି। ଏହି କାର୍ଯ୍ୟକ୍ରମ ହେଉଛି ସବୁଠାରୁ ନିଆରା।କାରଣ ଏଠାରେ ଭିନ୍ନକ୍ଷମମାନଙ୍କ ବୌଦ୍ଧିକ ବିକାଶ ପାଇଁ ପାଠପଢା ଠାରୁ ଆରମ୍ଭ କରି ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଭିନ୍ନକ୍ଷମ ଶାରୀରିକ ଭାବେ ଯଦିଓ ଅକ୍ଷମ କିନ୍ତୁ ସେମାନଙ୍କ ମାନସିକସ୍ତରରେ ସକ୍ଷମ ବୋଲି ହାରାନ୍ଧ କହିଥିଲେ। ପିଲାମାନଙ୍କ ଆବଶ୍ୟକ ଅନୁସାରେ ପାରାଦୀପ ବନ୍ଦର ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ବଦ୍ଧପରିକର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ବନ୍ଦର ପ୍ରଭାରୀ ଜି .ଏଡିଶନ, ହିନ୍ଦୀ ଅଧିକାରୀ ନିରୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଲେଡିଜ କ୍ଲବ ପକ୍ଷରୁ ପିଲାମାନଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ

ଜଗତ୍‌ସିଂହପୁର ୩।୧୨ (ପ୍ରମୋଦ ନାୟକ)



ଜଗତ୍‌ସିଂହପୁର ପୌର ପରିଷଦ ପରିସରରେ ଥିବା ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତାସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ଜିଲାପାଳ ଜେ.ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତ୍‌ସିଂହପୁର ଗର୍ବ ମା'ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ନେଇଥିଲେ। ୧୯୨୧ ମାର୍ଚ୍ଚ ୨୪ ତାରିଖ ଦିନ ମହାତ୍ମା ଗାନ୍ଧୀ କଟକ କାଠଯୋଡି ବାଲି ଓ ବିନୋଦ ବିହାରୀ ପରିସରରେ ଦୁଇଗୋଟି ସାଧାରଣ ସମାବେଶରେ ଯୋଗଦେଇ ଦଳିତମାନଙ୍କ ସୁରକ୍ଷା ଓ ସ୍ୱଦେଶୀ ଆନ୍ଦୋଳନର ଆବଶ୍ୟକତା ବୁଝାଇଥିଲେ। ୧୯୩୦ର ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ୧୯୩୪ ଅଗଷ୍ଟ ୮ ଗାନ୍ଧିଜୀଙ୍କ ଶ୍ରୀକ୍ଷେତ୍ର ହରିଜନ ସମାବେଶ ସହ ଶ୍ରୀମନ୍ଦିର ସମ୍ମୁଖରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନର ମୁଖ୍ୟ ଦାୟିତ୍ୱ ନେଇଥିଲେ ରମାଦେବୀ । ୧୯୫୫ରେ ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କ ଏକ ପ୍ରମୁଖ ଭୂମିକା ଥିଲା। ତାଙ୍କ ଜୟନ୍ତୀ ଉତ୍ସବରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଓଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳକଙ୍କୁ ମାଡ଼ ମାରିବା ଘଟଣାରେ ଚିକୁନ କୋର୍ଟ ଚାଲାଣ

### ବାପାଙ୍କ କରଜ ଶୁଝିବାକୁ ନାବାଳକ ପୁଅ ବନ୍ଧକ ଘଟଣା

ମହାକାଳପଡ଼ା, ୩।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ରାଜଗଡ଼ ଗାଁର ଅନିଲ ମହାନ୍ତିଙ୍କ ନିଶ୍ଚିନ୍ତକୋଇଲି କଟରପଡ଼ା ଅଞ୍ଚଳର ଏକ ତନ୍ତ ମିଲ୍ ମାଲିକ ଅଶୋକ ମହାନ୍ତିଙ୍କ ଘରେ କାମ କରୁଥିଲେ। ଦରମାକୁ ନେଇ ବାଦ ବିବାଦ ଲାଗିବାରେ ଅନିଲ ବାକି ଟଙ୍କା ଶୁଝିବାକୁ ସୁରଟ ପଳାଇଥିଲେ। ହେଲେ ନାବାଳକଙ୍କୁ ଗୋତି ଶ୍ରମିକ ଭାବେ ତନ୍ତ ମାଲିକ ତାଙ୍କୁ ୭ ମାସ ଖଟାଇଥିଲେ। ସେ ତନ୍ତ ମାଲିକଙ୍କ ଘରୁ କୌଶଳକ୍ରମେ ଖସି ଆସି ନିଜ ଘରେ ପହଞ୍ଚି ଥିଲେ। ପରେ ମାଲିକଙ୍କ ୨ପୁଅ ମୋଚନ ଓ ଚିକୁନ ରବିବାର ବିଳମ୍ବିତ ରାତିରେ ବୋଲେରୋରେ ରାଜଗଡ଼ ଗାଁରେ ପହଞ୍ଚି କବାଟ ବାଡେଇବାରୁ ମା' ସରୋଜିନୀ ଭୟରେ କବାଟ ଖୋଲିଥିଲେ। ୨ ଭାଇ ବିଛଣାରୁ ନାବାଳକଙ୍କୁ ଟେକି ନେଇ ଗାଡି ଭିତରେ ମାଡ଼ ମାରି ଆଖି ଫୁଲାଇ ଦେଇଥିଲେ। ଏ ନେଇ ସରୋଜନୀ ସୋମବାର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ନାବାଳକଙ୍କୁ କଟରପଡ଼ାରୁ ଉଦ୍ଧାର କରିବା ସହ ଅଶୋକ ମହାନ୍ତି ଓ ତାଙ୍କ ସ୍ତ୍ରୀଙ୍କୁ ଥାନାରେ ଅଟକ ରଖିଥିଲେ। ମା'ବାପାଙ୍କୁ ମୁକାଳିବାକୁ ଆସିଥିବା ପୁଅ ଚିକୁନଙ୍କୁ ପୋଲିସ ଅଟକ ରଖିଥିଲା। ଏ ସମ୍ପର୍କରେ ଆଇଆଇସି ଧୀରଜ ଲେଙ୍କାଙ୍କୁ ପଚାରିବାରେ ନାବାଳକଙ୍କୁ ମାଡ଼ ମାରିବା ଘଟଣାରେ ଥାନାରେ ନଂ.୨୩୭/୨୪ରେ ମାମଲା ରୁଜୁ ହୋଇଛି। ତନ୍ତ ମାଲିକଙ୍କ ପୁଅ ଚିକୁନଙ୍କ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କ ଅଭିଯୋଗ ଅନୁଯାୟୀ ବାଟରେ ଗାଡ଼ିରେ ଯିବା ବେଳେ ୨ ଭାଇ ତାଙ୍କୁ ମାଡ଼ ମାରିବ ସହ ଖାଇବାକୁ ଦେଇ ନ ଥିଲେ। ପୋଲିସ ନାବାଳକଙ୍କୁ ଖାଇବାକୁ ଦେବା ସହ ତାଙ୍କର ଚିକିତ୍ସା କରାଇଛି। ଅନ୍ୟ ଜଣେ ପୁଅ ମୋଚନ ଫେରାର ଅଛନ୍ତି ବୋଲି ଆଇଆଇସି ଲେଙ୍କା କହିଛନ୍ତି।

## ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଅଭିଯାନ

### ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ଦାବି

ପଟ୍ଟାମୁଣ୍ଡାଇ,୩।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ଦାବିରେ ଦୀର୍ଘଦିନ ଧରି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ସମେତ ବିଭିନ୍ନ ସଙ୍ଗଠନ ଆନ୍ଦୋଳନ କରି ଆସୁଛନ୍ତି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା ପାଇଁ ପଟ୍ଟାମୁଣ୍ଡାଇ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ନେତାମାନେ ଆଶା ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ସହ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଛି। ଏହିକ୍ରମରେ ମଙ୍ଗଳବାର ପୂର୍ବ ଘୋଷଣା ଅନୁଯାୟୀ, ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଅଭିଯାନ ହୋଇଛି। କେନ୍ଦ୍ରାପଡ଼ା ଜିଲା ଛାତ୍ର କଂଗ୍ରେସ ସଭାପତି ବିଭୁ ପ୍ରସାଦ ଜେନାଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଛାତ୍ର କଂଗ୍ରେସ ନେତା, କର୍ମୀ ବିଧାନସଭା ଘେରାଉ ଅଭିଯାନରେ ସାମିଲ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଛାତ୍ର କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ବାଇପାସଠାରୁ ଭୁବନେଶ୍ୱର ଯାତ୍ରା କରିଥିଲେ।

## ଭିନ୍ନକ୍ଷମ କାହାର ଦୟାର ପାତ୍ର ନୁହନ୍ତି

### ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

କେନ୍ଦ୍ରାପଡ଼ା,୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଟାଉନ ହଲଠାରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଡିଏସ୍‌ଏସ୍‌ଓ ରୂପାଲି ପ୍ରିୟଦର୍ଶନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସିଡିପିଓ ବିଜୟ କେତନ ସାହୁ, ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ତିରୁପତି ରେଡ୍ଡି, ଡିଆଇପିଆର୍‌ଓ ଅଶୋକ ବଳିଆରସିଂ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଭିନ୍ନକ୍ଷମ ଏବେ କାହାରି ଦୟାର ପାତ୍ର ନୁହନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ତୃଣମୂଳସ୍ତରରେ ଉପଯୋଗ ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଏହାର ପରିଚାଳନା କରିଥିଲେ।




ଭିନ୍ନକ୍ଷମ ଦିବସରେ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଉଛି।

## କାର୍ଯ୍ୟକରି ଗସ୍ତ ଖର୍ଚ୍ଚ ପାଇନାହାନ୍ତି ଇସି ସଭ୍ୟା

- ବିଡିଓଙ୍କୁ ପଧାନପଡ଼ା ପଞ୍ଚାୟତସ୍ତରୀୟ ମହାସଂଘ ମହିଳାଙ୍କ ଫେରାଦ
- ସନ୍ଦେହ ଘେରରେ ଜୀବିକା ମିଶନ କାର୍ଯ୍ୟାଳୟ

ରାଜକନିକା,୩।୧୨(ସଞ୍ଜୟ କୁମାର ଦାଶ)



ପଞ୍ଚାୟତସ୍ତରୀୟ ମହାସଂଘର ମହିଳାମାନେ ବିଡିଓ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।

ପଞ୍ଚାୟତସ୍ତରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଆଗକୁ ବଢ଼ିବା ଲକ୍ଷ୍ୟରେ ପଞ୍ଚାୟତସ୍ତରୀୟ ମହାସଂଘ ଗଠନ କରାଯାଇଛି। ଏହି ମହାସଂଘରେ ଥିବା କାର୍ଯ୍ୟକାରୀ ସଭ୍ୟମାନଙ୍କୁ ଗସ୍ତ ଖର୍ଚ୍ଚବାବଦକୁ ୧୫ ଶହ ଟଙ୍କା ଦେବାର ନିୟମ ମଧ୍ୟ ରହିଛି। ହେଲେ ରାଜକନିକା ବ୍ଲକ ପଧାନପଡ଼ା ପଞ୍ଚାୟତସ୍ତରୀୟ ମହାସଂଘର କାର୍ଯ୍ୟରତ କାର୍ଯ୍ୟକାରୀ ସଭ୍ୟା ରେଣୁକା ମଲିକ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରିଥିଲେ ବି ଗସ୍ତ ଖର୍ଚ୍ଚ ଟଙ୍କାଟିଏ ବି ପାଇନାହାନ୍ତି। ଅନ୍ୟ ଜଣେ କାର୍ଯ୍ୟ କରୁ ନ ଥିବା କାର୍ଯ୍ୟକାରୀ ସଭ୍ୟାଙ୍କୁ ମିଳିଛି ଟଙ୍କା। ସନ୍ଦେହ ଘେରକୁ ଜୀବିକା ମିଶନର ପଞ୍ଚାୟତ ଦାୟିତ୍ୱରେ ଥିବା ବିଏଲସି ଆସିଛନ୍ତି। ଏ ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ ପଞ୍ଚାୟତସ୍ତରୀୟ ମହାସଂଘର ମହିଳାମାନେ ମଙ୍ଗଳବାର କରିଛନ୍ତି।

ସୂଚନାଯୋଗ୍ୟ, ପଧାନପଡ଼ା ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ କୁମୁଦିନୀ ଦାସ ଓ ସମ୍ପାଦିକା ସୁକାନ୍ତି ରାଉତ ଏବଂ ଅନ୍ୟ ସମସ୍ତ ସଭ୍ୟାଙ୍କ ଲିଖିତ ଅଭିଯୋଗକ୍ରମେ ମହିଳା ମଣ୍ଡଳ ଆରମ୍ଭରୁ ଜମ୍ବୁଲତା ମଲିକ ପଞ୍ଚାୟତସ୍ତରୀୟ ମହାସଂଘର କାର୍ଯ୍ୟକାରୀ ସଭ୍ୟା ଭାବେ ସେ ମାତ୍ର ଗୋଟିଏ ଅଧିବେଶନରେ ଉପସ୍ଥିତ ଥିଲେ। ହେଲେ ଅନ୍ୟ କୌଣସି ବୈଠକ ବା ଅଧିବେଶନରେ ଉପସ୍ଥିତ ରହିନାହାନ୍ତି। ନିୟମ ଅନୁଯାୟୀ, ୩ଟି ବୈଠକରେ ଅନୁପସ୍ଥିତ ରହିଲେ ସେହି ସ୍ଥାନରେ ଅନ୍ୟ କେହି ରହିପାରିବେ। ସେହି ନ୍ୟାୟରେ ୧୫।୧୨।୨୧ରେ ସମସ୍ତ ସଭ୍ୟାଙ୍କ ସହମତିରେ ଉକ୍ତ ସଭ୍ୟାଙ୍କ ନାମକୁ ବାଦ ଦେଇ ପଞ୍ଚାୟତର ବଡ଼ହଲୁପଡ଼ା ଆଞ୍ଚଳିକ ମଞ୍ଚର ସମସ୍ତ ସଭାନେତ୍ରୀ, ସମ୍ପାଦିକା, ସମସ୍ତ ସଭ୍ୟାଙ୍କ ସହମତି ଏବଂ ଉପସ୍ଥିତିରେ ନୂତନ କାର୍ଯ୍ୟକାରୀ ସଭ୍ୟା ଭାବେ ରେଣୁକା ମାଲିକଙ୍କ ନାମ ମନୋନୀତ କରାଯାଇଥିଲା। ରେଣୁକା କାର୍ଯ୍ୟକାରୀ ସଭ୍ୟା ଭାବେ ସେହିଦିନଠାରୁ ମହାସଂଘ କାର୍ଯ୍ୟରେ ଯୋଗଦେଇଥିଲେ। ହେଲେ ତାଙ୍କୁ ୧୫।୧୨।୧୦ଠାରୁ ୭।୬।୨୪ ପର୍ଯ୍ୟନ୍ତ ଗସ୍ତ ଖର୍ଚ୍ଚ ପ୍ରଦାନ କରା ନ ଯାଇ, ନୋଡାଲ ଅଧିକାରୀ ଚଞ୍ଚକତା କରି ସମସ୍ତ ସଭ୍ୟାଙ୍କୁ ଡରାଇ, ଧମକ, ଚମକ ସହ ମିଥ୍ୟା କହି ଖାତାକୁ ଛଡ଼ାଇ ନେଇ ଜାମ୍ବୁଲତାଙ୍କ ନାମ ଲେଖାଇ ଆମମାନଙ୍କୁ ଜୋରଜବରଦସ୍ତ ଦସ୍ତଖତ କରିବାକୁ କହିଥିଲେ ବୋଲି ମହିଳା ସଭାନେତ୍ରୀ ଓ ସମ୍ପାଦିକା ଅଭିଯୋଗ କରିଛନ୍ତି। ପରେ ଜାମ୍ବୁଲତାଙ୍କ ଆକାଉଣ୍ଟକୁ ସମସ୍ତ ଗସ୍ତ ଖର୍ଚ୍ଚ ଯାଇଥିବା ଜାଣିବାକୁ ପାଇଥିଲୁ। ମାତ୍ର ସମସ୍ତ ବୈଠକରେ ସୁଚାରୁରୂପେ କାର୍ଯ୍ୟକରି ଆସୁଥିବା ରେଣୁକାଙ୍କୁ ଗସ୍ତ ଖର୍ଚ୍ଚ ବାବଦକୁ କୌଣସି ଅର୍ଥ ନ ମିଳିବା ନେଇ ମହାସଂଘର ସମସ୍ତ ସଭ୍ୟା ବିଡିଓଙ୍କୁ ଲିଖିତ ଅଭିଯୋଗ କରିବା ସହ ଦାବି କରିଛନ୍ତି। ଅନ୍ୟପକ୍ଷରେ ରେଣୁକା ଏ ସମ୍ପର୍କରେ ୫।୧୧।୨୪ରେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ବିଡିଓ କାର୍ଯ୍ୟାଳୟରେ ନ ଥିବାରୁ ଆକାଉଣ୍ଟ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ତୁରନ୍ତ କାର୍ଯ୍ୟ କରିଥିବା ରେଣୁକା ମଲିକଙ୍କୁ ଗସ୍ତ ଖର୍ଚ୍ଚ ଟଙ୍କା ପ୍ରଦାନ କରାଯିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି।

# ରାସ୍ତା ଜବରଦଖଲ କରୁଛନ୍ତି ବ୍ୟବସାୟୀ

## ମ୍ୟୁନିସିପାଲିଟି ଚଢ଼ାଉ ପରେ ପୁଣି ଜବରଦଖଲ

ନୟାଗଡ଼,୩।୧୨(ଲୋକନାଥ ମିଶ୍ର): ନୟାଗଡ଼ ସହରର ଓଡ଼ଗାଁ ଛକ, ଷ୍ଟେଟବ୍ୟାଙ୍କ ରାସ୍ତାରେ ପରିବା ଦୋକାନୀ, ତେଜରାତି ଦୋକାନୀ ସବୁବେଳେ ରାସ୍ତା ଉପରେ ବିଭିନ୍ନ ସାମଗ୍ରୀ ରଖି ବ୍ୟବସାୟ କରୁଛନ୍ତି । ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ପରେ ସୁଫଳ ମିଳୁନି । ମଙ୍ଗଳବାର ମ୍ୟୁନିସିପାଲିଟି ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବ୍ୟବସାୟୀମାନେ ଦୋକାନ ଉପକରଣ ଦୋକାନ ଭିତରକୁ ନେଇ ଯାଇଥିଲେ । ତେବେ ମ୍ୟୁନିସିପାଲିଟି କର୍ମଚାରୀ ଚାଲିଯିବା ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା । ସ୍ଥାନୀୟ ଲୋକ କଥା ହେଉଥିଲେ ଲୋକ ଦେଖାଣିଆ ଚଢ଼ାଉର ସୁଫଳ କିଛି ନାହିଁ ।

# ବହୁ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ

ଓଡ଼ଗାଁ,୩।୧୨ (ଆଦର୍ଶ କୁମାର ପଟ୍ଟନାୟକ):

ନୟାଗଡ଼ ଜିଲା ଓ ଏନ୍‌ଏସିରେ ଭତ୍ତା ବଣ୍ଟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନଭେମ୍ବର ମାସର ଭତ୍ତା ହିତାଧିକାରୀଙ୍କୁ ୧୫,୧୬ ତାରିଖରେ ପ୍ରଦାନ କରିବାକୁ ନିୟମ ରହିଥିବା ବେଳେ ଓଡ଼ଗାଁ ଏନ୍‌ଏସିରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଚଳିତ ମାସରେ ପ୍ରଥମାଷ୍ଟମୀ, ଗୁରୁବାର ମାଣବସା ପୂଜା ପଡୁଥିବା ବେଳେ ଏନ୍‌ଏସି କର୍ତ୍ତୃପକ୍ଷ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା ଦେବାରେ ଅହେତୁକ ବିଳମ୍ବ କରିବା ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବାରମ୍ବାର ସେମାନେ ଏନ୍‌ଏସି ଅଫିସ ଧାଇଁ ନିରାଶ ହୋଇଥିବା କହିଛନ୍ତି । ହେଲେ ଭତ୍ତା ବାଣ୍ଟିବା ଦାୟିତ୍ୱରେ ଥିବା ଜଣେ ଠିକା କର୍ମଚାରୀ ତାଙ୍କ ଘରୁ ଆସି ଭତ୍ତା ନେବାକୁ କହୁଥିବା ଅଭିଯୋଗ ହୋଇଛି । ଏପର କି କ'ଣ ମାସକର ଭତ୍ତା ନ ମିଳିଲେ ତୁମେ ମରିଯିବ କି ବୋଲି ସେ ଓଲଟା ପ୍ରଶ୍ନ କରୁଛନ୍ତି । ଭତ୍ତା ଟଙ୍କା ପାଇବାକୁ ସେମାନେ ଅପେକ୍ଷା କରିଥିବା ବେଳେ ଡିସେମ୍ବର ମାସର ଭତ୍ତା ସହିତ ୨ ମାସର ଭତ୍ତା ଦିଆଯିବ ବୋଲି ସମ୍ପୃକ୍ତ କର୍ମଚାରୀ କହିଥିବା ଉଦୟ ସ୍ୱାଇଁ, ଦୟାନିଧି ସାହୁ ଓ ୨ଜଣ ବିଧବା ବୃଦ୍ଧା ଅତ୍ୟନ୍ତ କ୍ଷୋଭର ସହିତ ପ୍ରକାଶ କରିଛନ୍ତି । ଏପର କି ସରକାରଙ୍କୁ ବଦନାମ କରିବାକୁ ଏହି ଠିକା କର୍ମଚାରୀ ଚକ୍ରାନ୍ତ କରିଥିବା ନିଜ ବାପାଙ୍କ ଭତ୍ତା ଟଙ୍କା ସଂକ୍ରାନ୍ତରେ ବୁଝିବାକୁ ଯାଇଥିବା ରାଜୁ ସାହୁ କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ପଚାରିବାରେ ସେ କର୍ମଚାରୀ ନ ଥିବା ଦର୍ଶାଇ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ସ୍ୱୀକାର କରିଛନ୍ତି । ଡିସେମ୍ବର ମାସରୁ ନିଜେ ଅଫିସରେ ହିଁ ଭତ୍ତା ପ୍ରଦାନ କରିବାକୁ ପଦକ୍ଷେପ ନେବି ବୋଲି କହିଛନ୍ତି । ଅନ୍ୟପକ୍ଷେ ଭତ୍ତା ପ୍ରଦାନ ଦାୟିତ୍ୱ ନେଇଥିବା କର୍ମଚାରୀ ଲକ୍ଷାଧିକ ଟଙ୍କା ଭତ୍ତା ବାବଦକୁ ଅଫିସରୁ ଉଠାଇ ନେଇ ନିଜ ପାଖରେ ରଖିଥିବା ସୂଚନା ମିଳିଛି ।



@ ଦୁଷ୍ମନ୍ତ



@ ରଞ୍ଜନ



@ ରମେଶ



@ ବିଜ୍ଞାନ



@ ସତ୍ୟରଞ୍ଜନ

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଳୁ କିଲୋ ୫୦, ପିଆଜ ୬୦

## ବଜାର ଦର ନିୟନ୍ତ୍ରଣରେ ଜିଲା ପ୍ରଶାସନ ବିଫଳ

ନୟାଗଡ଼,୩।୧୨(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ସଦର ମହକୁମାରେ ଆଳୁ କିଲୋ ୫୦କୁ ପିଆଜ କିଲୋ ୬୦ ଟଙ୍କାରେ ବିକ୍ରି ହେଉଛି । ଗ୍ରାମାଞ୍ଚଳ ବଜାରରେ ଆଳୁ କିଲୋ ୬୦ରୁ ୭୦ ଟଙ୍କା ଓ ପିଆଜ କିଲୋ ୭୦ରୁ ୮୦ ଟଙ୍କା ରହିଛି । ବଜାର ଦର ନିୟନ୍ତ୍ରଣ କରିବାରେ ଜିଲା ପ୍ରଶାସନ ବିଫଳ ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଆଳୁ ଦର ହ୍ରାସ ଓ ବୃଦ୍ଧି ଲାଗି ରହିଥିବାବେଳେ ପିଆଜ ଦର ହ୍ରାସ ନ ହେବା ଖାଉଟିଙ୍କ ଚିନ୍ତା ବଢ଼ାଇଛି । ଅନ୍ୟପକ୍ଷେ ବ୍ୟବସାୟୀମାନେ ଆଳୁ ଓ ପିଆଜ ଦର ମନଇଚ୍ଛା ନେଉଥିବାବେଳେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

# ଶସ୍ତାରେ ଆମ୍ବୁଲାନ୍ସ ସେବା

ନୟାଗଡ଼,୩।୧୨(ଲୋକନାଥ ମିଶ୍ର): ନୟାଗଡ଼ ରୋଟାରୀ କ୍ଲବ ପକ୍ଷରୁ ଗରିବ ଲୋକମାନଙ୍କୁ କମ୍ ଖର୍ଚ୍ଚରେ ଆମ୍ବୁଲାନ୍ସ ସେବା ଯୋଗାଇବାର ବ୍ୟବସ୍ଥା ଆରମ୍ଭ ହୋଇଛି । ଏନେଇ ରୋଟାରୀ କ୍ଲବ ପକ୍ଷରୁ ଏକ ଆମ୍ବୁଲାନ୍ସକୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭାବୀ ଲୋକମାନଙ୍କ ପାଇଁ ସମର୍ପିତ କରାଯାଇଛି । ରୋଟାରୀ କ୍ଲବର ଜଣେ କର୍ମଚାରୀ ଏହି ଆମ୍ବୁଲାନ୍ସକୁ ପରିଚାଳନା କରିବେ । ଏହାକୁ ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ ଓ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଅଜୟ ବାହିନିପତି ଉଦ୍‌ଘାଟନ କରିଛନ୍ତି ।

# ବିହାର ଟିମ୍ ୨–୧ ଗୋଲରେ ବିଜୟୀ



୨ଦଳ ଖେଳାଳିଙ୍କ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

## ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଶରଣକୁଳ,୩।୧୨(ଦୀପକ କର): ନୟାଗଡ଼ ଜିଲା ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୪ର୍ଥ ଦିବସ ମ୍ୟାଚ୍ ଏମ୍‌କେଏସ୍‌ସି,ବକ୍ସର, ବିହାର ୨–୧ଗୋଲରେ ଜଗା ୟୁନାଇଟେଡ଼, ଭୁବନେଶ୍ୱରକୁ ହରାଇ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୨୪ମିନଟ୍‌ରେ ଜଗା ୟୁନାଇଟେଡ଼ ଦଳର ୮ନଂ.ଖେଳାଳି ସୋନିଙ୍କ ଏକ କର୍ନର ସଟ୍‌କୁ ୨୦ନଂ.ଖେଳାଳି ଗୁମାନ ସିଂ ସୁନ୍ଦର ଭାବେ ହେଡରେ ଗୋଲକରି ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪ ମିନିଟରେ ବିହାର ଟିମ୍‌ର ୧୦ ନଂ. ଖେଳାଳି ଫିଲିପ୍ (ଘାନା)ଙ୍କ ଏକ ଗୋଲ ଦଳକୁ ବରାବର ସ୍ଥିତିକୁ ନେଇଥିଲା। ପରେ ଖେଳ ଶେଷ ହେବାର କିଛି ସେକେଣ୍ଡ ପୂର୍ବରୁ ଚମତ୍କାର ଭାବେ ଖେଳି ବିହାରର ୧୦ନଂ. ଖେଳାଳି ଫିଲିପ୍ ପୁନଶ୍ଚ ଏକ ଗୋଲ ସ୍କୋର କରିବାରୁ ଦଳ ୨–୧ରେ ବିଜୟ ହୋଇଥିଲା।

ମଙ୍ଗଳବାର ଅନୁଷ୍ଠାନର ସଭାପତିଙ୍କ ସହ ମୁଖ୍ୟଅତିଥି ଭାବେ ମହିନ୍ଦ୍ରା ଟ୍ରାକ୍ଟର କମ୍ପାନୀର ଓଡ଼ିଶା ମୁଖ୍ୟ ନବୀନ ଗୁପ୍ତା ଓ ଶିଳ୍ପପତି ସନ୍ତୋଷ କୁମାର ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିହାର ଟିମ୍‌ର ଫିଲପ୍‌ଙ୍କୁ ଆଜିର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ସହ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ରେଫେରି ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ । ଦେବରାଜ ସ୍ୱାଇଁ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ତାଙ୍କୁ ଲାଇନରେ ସହାୟତା କରିଥିଲେ । ପ୍ରସନ୍ନ କୁମାର ନାୟକ ୪ର୍ଥ ରେଫେରୀ ଦାୟିତ୍ୱରେ ଥିଲେ। ବୁଧବାର ମ୍ୟାଚ୍ ଏ.ଜି. ରିକ୍ରେସନ, ଭୁବନେଶ୍ୱର ବନାମ ସ୍ପୋର୍ଟସ ହଷ୍ଟେଲ,କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଦା ହୋଇଛି ଆବର୍ଜନା

ଖଣ୍ଡପଡ଼ା,୩।୧୨(ଅଜୟ କୁମାର ମହାରଣା) :ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ, ଆବର୍ଜନା ଗଦା ହୋଇ ରହିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଓ ଅଦରକାରୀ ସାମଗ୍ରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଡିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ତୁରନ୍ତ ଅଳିଆ, ଆବର୍ଜନା ଅନ୍ୟତ୍ର ହଟାଇବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ, ଆବର୍ଜନା ଗଦା ହୋଇଛି ।

# ଦୋକାନ ଉପରେ ଚଢ଼ିଗଲା କାର, ୪ ଆହତ

ବାଲିଗୁଡ଼ା,୩।୧୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ସହରର ୫୯ ନଂ. ଜାତୀୟ ରାଜପଥ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଛକରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ରାସ୍ତାରେ ଯାଉଥିବା ଜଣେ ଯୁବତୀ ଆହତ ହୋଇଥିବା ବେଳେ ରାସ୍ତାକଡ଼ରେ ଥିବା ପରିବା ଓ ଚା ଦୋକାନ ଉପରେ କାର୍ ନଂ (ଓଡି–୧୨–ଇ–୫୬୦୪) ଚଢ଼ିଯାଇଛି। ଦୁର୍ଘଟଣାରେ ଠେଲା ଗାଡ଼ି ଚା ଦୋକାନ ନଷ୍ଟ ହୋଇଯାଇଥିବା ବେଳେ ପରିବା ବ୍ୟବସାୟୀଙ୍କ ସମସ୍ତ ପରିବା ନଷ୍ଟ ହୋଇଯାଇଛି।

# ଅଙ୍ଗନୱାଡ଼ି କେନ୍ଦ୍ରରୁ ଚୋରି

ହିଞ୍ଜିଳିକାଟୁ,୩।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଦାରୁଭଦ୍ରା ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର–୧ରୁ ସୋମବାର ବିଳମ୍ବିତ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଠିକାଦାର ହିଞ୍ଜିଳି ଥାନା ସାପୁଆପଲ୍ଲୀ ଗ୍ରାମର ଶିବରାମ ସାବତ ଥାନାରେ ଅଭିଯୋଗ କରିଛନ୍ତି। କୌଣସି ଦୁର୍ବୃତ୍ତ କବାଟ ତାଲା ଭାଙ୍ଗି କେନ୍ଦ୍ରରୁ ୩ଟି ସିଲିଂ ଫ୍ୟାନ, ପାଣିଟ୍ୟାପ, ଲାଇଟ ଓ ଅନ୍ୟ ଆସବାବପତ୍ର ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୋରି ଘଟଣା ନେଇ ଠିକାଦାର ପ୍ରଥମେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପରେ ଥାନାରେ ଅଭିଯୋଗ କରିଛନ୍ତି।

# ଛାତ୍ରୀନିବାସ ସ୍ଥାପନ ଦାବି

ଦଶପଲ୍ଲା,୩।୧୨(ପ୍ରକାଶ କୁମାର ପାଣି): ଦଶପଲ୍ଲା ବ୍ଲକ ତୁମାଣ୍ଡିଠାରେ ଏକ ଛାତ୍ରୀ ନିବାସ ସ୍ଥାପନ ପାଇଁ ଦାବି ହେଉଛି । ସେଠାରେ ଏକ ହାଇସ୍କୁଲ ଅଛି । ସେହି ସ୍କୁଲକୁ ଆଦିବାସୀ ବହୁଳ ଅଞ୍ଚଳରୁ ବହୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଆସିଥାନ୍ତି । ସେଠାରେ ଛାତ୍ରୀ ନିବାସ ନ ଥିବାରୁ ଆଦିବାସୀ ଅଞ୍ଚଳରେ ପିଲାମାନେ ପ୍ରତିଦିନ ଯିବା ଆସିବା କରିବା ପାଇଁ ବହୁ ହଇରାଣ ହେଉଛନ୍ତି । ଫଳରେ ସେହି ସ୍ଥାନରେ ଛାତ୍ରୀନିବାସ ସ୍ଥାପନ ହେଲେ ବହୁ ପିଲା ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମରେ ଭିନ୍ନକ୍ଷମ ଦିବସ ପାଳିତ

ଶରଣକୁଳ,୩।୧୨(ଦୀପକ କର):

ଶରଣକୁଳ ବାଉଁଶିଆଠାରେ ଥିବା ଆଶ୍ରୟ ଦିବ୍ୟାଙ୍ଗ ସେବାଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇ ଯାଇଛି। ଆଶ୍ରୟର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଖବରଦାତା ଏ.ଆର୍.ଦୀପଙ୍କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦିବ୍ୟାଙ୍ଗଙ୍କୁ ମିଳୁଥିବା ସମସ୍ତ ସରକାରୀ ଯୋଜନା ଦୁଆର ପଇଠ ତଥା ଡୋର୍ଷ୍ଟେପ ମାଧ୍ୟମରେ ଯୋଗାଇଦେବା, ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଥଇଥାନ ଓ ଅଧିକାର ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଉପରେ ଅତିଥି ଗୁରୁତ୍ୱାରୋପ କରିଥିଲେ । ସମସ୍ତ ସୁବିଧା ସୁଯୋଗ ଦିବ୍ୟାଙ୍ଗଙ୍କୁ ଦିଆଗଲେ ରାଜ୍ୟର ଦିବ୍ୟାଙ୍ଗ ତଥା ଭିନ୍ନକ୍ଷମ, ଶିଶୁ, ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିଙ୍କ ସମେତ ଭିନ୍ନକ୍ଷମ ବ୍ୟକ୍ତିମାନେ କହିଥିଲେ। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାରଣା ଏବଂ ପ୍ରଫୁଲ୍ଲ ନାହାକ ପରିଚାଳନା କରିଥିଲେ। ଏହି ଅବସରରେ ଆଶ୍ରୟର ସଦସ୍ୟମାନେ ଜନ ସଚେତନତା ମୂଳକ ସ୍ଲୋଗାନ, କବିତା ଆବୃତ୍ତି ଓ ସଙ୍ଗୀତ ପରିବେଷଣ କରିଥିଲେ।




ଭିନ୍ନକ୍ଷମ ଦିବସ ଅବସରରେ ସେବାଗ୍ରାମ ଏକାଠି ହୋଇଥିବା ଭିନ୍ନକ୍ଷମମାନେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ ।

ଖଣ୍ଡପଡ଼ା,୩।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିଲେ । ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ରନାଥ ଦାଶଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କୁମ୍ଭାରପଡ଼ା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟକୃଷ୍ଣ ସେଠୀ ଆବାସ ଯୋଜନାରେ ସାମିଲ ହେବାର ଯୋଗ୍ୟ ହିତାଧିକାରୀ ସମ୍ପର୍କରେ ଅବଗତ କରାଇଥିଲେ । ଏହାଛଡା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ସରକାରୀ କର୍ମଚାରୀମାନେ ପ୍ରତ୍ୟେକ ୱାର୍ଡ ପରିଦର୍ଶନରେ ଯାଇ ହିତାଧିକାରୀ ଚୟନ ସମ୍ପର୍କରେ ସମୀକ୍ଷା କରି ତଥ୍ୟ ସଂଗ୍ରହ କରିବେ ଓ ଯୋଗ୍ୟ ବିବେଚିତ ଉପଭୋକ୍ତା ଚୟନ କରାଯିବା ପରେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ବେହେରା ସୂଚନା ଦେଇଥିଲେ ।

# ଭାଜପାର ସାଙ୍ଗଠନିକ ବୈଠକ



ଖଣ୍ଡପଡା,୩।୧୨(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ୍ ଅଧୀନ ମା' ଝାଡେଶ୍ୱରୀଙ୍କ ପୀଠରେ ଭାଜପା ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ଭାଜପାର ବରିଷ୍ଠ ନେତୃବୃନ୍ଦ, ସଙ୍ଗଠକ ଓ ମଣ୍ଡଳ ସଭାପତିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମା'ଙ୍କ ପୀଠ ପରିସରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ନବାଗତ ଭାଜପା ନେତା ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଦଳର କର୍ମକର୍ତ୍ତା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନବାଗତ ନେତା ପଟ୍ଟନାୟକ ଦଳୀୟ କର୍ମୀ, କର୍ମକର୍ତ୍ତା ଓ ସଙ୍ଗଠକମାନେ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ରାଜ୍ୟର ଏକ ନମ୍ବର ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନିର୍ବାଚନ ମଣ୍ଡଳୀର ୪୨ଟି ପଞ୍ଚାୟତରେ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରିବା, ବିଭିନ୍ନ କ୍ଷେତ୍ରର ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ସହଯୋଗର ହାତ ବଢାଇବା ପାଇଁ ମଧ୍ୟ ବୈଠକରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ ମା'ଙ୍କ ପୀଠରେ ଶପଥ ନେଇଥିଲେ ।

# ଖଣ୍ଡପଡ଼ାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ଖଣ୍ଡପଡ଼ା,୩।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆର୍ନ୍ତଜାତିକ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଖଣ୍ଡପଡା ଅନ୍ତଃନିବେଶୀ ଶିକ୍ଷା କାର୍ଯ୍ୟାଳୟ ପରିସରରୁ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ନେଇ ଏକ ଶୋଭାଯାତ୍ରା ଖଣ୍ଡପଡା ସହର ପରିକ୍ରମା କରିଥିଲା । ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ମୁଖ୍ୟ ଅତିଥି ରୁପେ ଯୋଗଦେଇ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାଏକ, ନାରାୟଣ ଦାଶ, ପ୍ରଦୀପ କୁମାର ସାହୁ, ବିଆରଟି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ପକ୍ଷରୁ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆୟୋଜିତ ସାଧାରଣ ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଶପଥ ନେଇଥିଲେ ।




ଭିନ୍ନକ୍ଷମ ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

